# ତହସିଲଦାର, କଳାହାଣ୍ଡିଙ୍କ କାର୍ଯ୍ୟାଳୟ, ଭବାନୀପାଟଣା, ଜିଲ୍ଲା- କଳାହାଣ୍ଡି

## ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

### CORRIGENDUM

ବିଜ୍ଞପ୍ତି ସଂଖ୍ୟା ............................//                                ତା. ......................................

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଳାହାଣ୍ଡି ତହସିଲ, ଭବାନୀପାଟଣା ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡ଼ିକ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ **2019-20** ଆର୍ଥିକ ବର୍ଷ ଠାରୁ **2023-24** ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି । ଇଚ୍ଛୁକ ବ୍ୟକ୍ତି ବିଶେଷ **(O.M.C. Rules, 2016)** ଦ୍ୱାରା ପ୍ରଣିତ **Form - M** ପୂରଣ କରି 3 କପି ସହ ତତ ସଂଲଗ୍ନ ଦସ୍ତାବିଜ ସଂଲଗ୍ନ କରି ଜଉମୁଡ ଲଫାପାରେ ତହସିଲଦାର, କଳାହାଣ୍ଡି, ଭବାନୀପାଟଣାଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. 30.06.2019 ରିଖ ପୂର୍ବାହ୍ନ 11.00 ଘଟିକା ରୁ ଆସନ୍ତା ତା. 01.07.2019 ରିଖ ଅପରାହ୍ନ 5.00 ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ବାକ୍ସ (**Drop Box**) ରେ ପକାଇ ପାରିବେ । ତା. 30.06.2019 ରିଖ ଅପରାହ୍ନ 5.00 ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ତହସିଲଦାର, ଭବାନୀପାଟଣାଙ୍କ ରହିଅଛି ।

ପୁନଶ୍ଚ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଯେଉଁ ଲଘୁ ଖଣିଜ ଉତ୍ସଗୁଡ଼ିକ ପାଇଁ ନିର୍ଦ୍ଧାରିତ ତାରିଖ ସୁଦ୍ଧା କୌଣସି ଦରଖାସ୍ତ କିମ୍ବା ଯଥେଷ୍ଟ ସଂଖ୍ୟାର ଦରଖାସ୍ତ ହସ୍ତଗତ ହେବ ନାହିଁ କେବଳ ସେହି ଉତ୍ସ ଗୁଡ଼ିକ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ତା. 07.07.2019 ରିଖ ଅପରାହ୍ନ 4.00 ଘଟିକା ସୁଦ୍ଧା ଓ ତୃତୀୟ ପର୍ଯ୍ୟାୟରେ ତା. 08.07.2019 ରିଖ ଅପରାହ୍ନ 4.00 ଘଟିକା ସୁଦ୍ଧା ଦରଖାସ୍ତ ସମାନ ଢଙ୍ଗରେ ଗ୍ରହଣକରି ଉକ୍ତ ତାରିଖରେ ଅପରାହ୍ନ 4.00 ଘଟିକାରେ ତରଖ୍ କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରୁ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.kalahandi.nic.in ରେ ଉପଲବ୍ଧ ରହିଅଛି ।

**ତହସିଲଦାର, କଳାହାଣ୍ଡି, ଭବାନୀପାଟଣା**

**ଜିଲ୍ଲା – କଳାହାଣ୍ଡି**

**ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ -**

1. ଦରଖାସ୍ତ ପାଉଣା ବାବଦ ଟ. 1000.00 ଙ୍କାର ଟ୍ରେଜେରି ଚାଲାନ (ଅଣ – ଫେରସ୍ତ) ।
   (Head of Account -"0853-Non-Ferrous Mining and Metallurgical Industries – 102 – Mineral Concession fees, Rents and Royalties")
2. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହଦିର ସଂପୂର୍ଣ୍ଣ ବିବରଣୀ ସମ୍ପୃକ୍ତ ସୈରାତ ଉତ୍ସକୁ ପ୍ରଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ ।
3. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣ ପତ୍ର ଯାହାର ମୂଲ୍ୟ କି ଆବେଦନକାରୀ ଉଲ୍ଲେଖ କରିଥିବା ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ରୟାଲିଟି ମୂଲ୍ୟ ଏବଂ ନିମ୍ନଲିଖିତ ଅତିରିକ୍ତ ଦେୟ ଠାରୁ କମ ହୋଇନଥିବ ।
4. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବୀବରଣୀ ଯଥା- ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ବ୍ୟବସ୍ଥା ବାବଦୀୟ ତଥ୍ୟ ।
5. ଗତ ଆର୍ଥିକ ବର୍ଷର VAT Clearance Certificate ।
6. I.T. Clearance Certificate କିମ୍ବା ଗତ Assessment Year ର I.T. Return ର ନକଲ ପ୍ରଦାନ କରିବେ ।
7. ନିର୍ଦ୍ଧାରିତ ଅମାନତ ରାଶି ମୂଲ୍ୟର ଡିମାଣ୍ଡ ଡ୍ରାଫ୍ଟ (Demand Draft)
8. ଏକ ସତ୍ୟପାଠରେ ଦର୍ଶାଇବେ ଯେ, ଉକ୍ତ O.M.M.C. Rules / Mining Rules ଅନୁସାରେ କୌଣସି ବକେୟା ପଇଠ କରିବାକୁ ନଥିବ ।

**ବିଶେଷ ସର୍ତ୍ତାବଳୀ** :

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ, 2004 (O.M.M.C. Rule 2004) ଲଘୁ ଖଣିଜ ରିହାତି ସଂଶୋଧିତ ନିୟମାବଳୀ 2016 (O.M.M.C. Rules, 2016) ଓ ଲଘୁ ଖଣିଜ ରିହାତି ସଂଶୋଧିତ ନିୟମାବଳୀ 2017 (O.M.M.C. Rules, 2017) ଏବଂ Manual of Tahasil Accounts ର ପରିସର ଭୁକ୍ତ ରହିବେ ।
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (ଯାହାକି ପ୍ରଚଳିତ ରୟାଲିଟିର 5% ଅଥବା ଜିଲ୍ଲାପାଳ, କଳାହାଣ୍ଡିଙ୍କ ଦ୍ୱାରା ଅନୁମୋଦିତ ପରିମାଣରୁ ଅଧିକ ହୋଇଥିବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କର ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଲିଜଧାରୀ ଚୟନ, ଧର୍ମଗୋଳା ମାଧ୍ୟମରେ ଚୟନ କରାଯିବ ।
3. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରି କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର 7 ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ତହସିଲଦାର, କଳାହାଣ୍ଡିଙ୍କ ନିକଟରେ ଦାଖଲ କରିବେ ।
4. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଲଘୁ ଖଣିଜ ଦ୍ରବ୍ୟ ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ଅର୍ଥକୁ

Environment Clearance ଆଣି ସାରିଲା ପରେ ପଇଠ କରିବେ । ସଂପୂର୍ଣ୍ଣ ପୈଠ ହେଲା ପରେ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତି ପତ୍ର (Lease Deed) ସଂପାଦନା କରିବେ ।

5. ଯଦି, ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହାହେଲେ, ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିୟମଧାରୀମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

6. ଯଦି, ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

7. ନିଲାମଧାରୀମାନେ O.M.M.C. Rules, 2016 ରେ ଥିବା ନିୟମ 27 ର 1 ରୁ 17 ପର୍ଯ୍ୟନ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେବେ ।

8. ଲିଜଧାରୀ ଜମା ରୟାଲିଟିର 2% ଅର୍ଥ ଆୟକର ବାବଦକୁ, 5% ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମା କରିବେ ଏବଂ 10% ଅର୍ଥ ରାଶି D.M.F. (District Mineral Foundation) ବାବଦକୁ ତହସିଲଦାରଙ୍କ ନିକଟରେ ଜମା କରିବେ ।

9. ଦରଖାସ୍ତକାରୀ Mines & Minerals (Dev. & Regulation) Act., 1957 ଏବଂ Explosive Act., & Rules 1984 ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

10. ଦରଖାସ୍ତକାରୀ ପ୍ରତିବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲିଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

11. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ Mining Plan ଏବଂ Environment Clearance ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ ପ୍ରଦାନକାରୀ (ତହସିଲଦାର) ସରକାରୀ ବେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ ପରବର୍ତ୍ତୀ ସମୟରେ ଲିଜଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜ ରାଜିନାମା ଦାଖଲ ସମୟରେ ଅସୁଲ କରିଯିବ ।

12. ଲିଜ ପ୍ରଦାନ ନିମନ୍ତେ ବୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ସର୍ବୋନିମ୍ନ ପ୍ରତ୍ୟର୍ଭୁତ ପରିମାଣର (Annual Minimum Guaranteed Quantity) ମୋଟ ରୟାଲିଟି / ଅତିରିକ୍ତ ରୟାଲିଟି ବାବଦ ଦେୟର ମୋଟ ପରିମାଣର 25% ରୁ E.M.D. ଦାଖଲ ହୋଇଥିବା ଅର୍ଥକୁ କାଟି ବାକି ଅର୍ଥ ସୁଧ ବିହୀନ Security Deposit ଆକାରରେ ଲିଜ ରାଜିନାମା ସମୟରେ ପଇଠ କରିବା ପାଇଁ ବାଧ । ଯଦି, ଏହି ହିସାବ ହୋଇନପାରେ, ତେବେ ଲିଜ ପ୍ରଦାନକାରୀ ଅଧିକାରୀ ଅଥବା ତହସିଲଦାର ଧାର୍ଯ୍ୟ କରିଥିବା ଅର୍ଥ (ବିନା ସୁଧରେ) ଦାଖଲ କରିବେ । ଏଥିସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ଟ. 10,000 ଙ୍କା ରୁପେ ଜମା କରିବେ । (ଦ୍ରଷ୍ଟବ୍ୟ ନିୟମ 42)

13. ଲିଜ ନିମନ୍ତେ ଚୟନ ବୋଇଥିବା ଆବେଦନକାରୀ ଚୟନ ପରେ ତିନି ସପ୍ତାହ ମଧ୍ୟରେ O.M.M.C. Rule, 2016 ରେ ଥିବା ଫର୍ମରେ ରାଜିନାମା କରିବା ପାଇଁ ବାଧ । ଚୟନ ପ୍ରକ୍ରିୟା ପରେ ତିନି

ମାସ ମଧ୍ୟରେ ଲିଜଧାରୀ ଅନୁମୋଦନ ପ୍ରାପ୍ତ Mining Plan ଏବଂ Environment Clearance କାର୍ଯ୍ୟାଳୟରେ ଦାଖଲ କରିବେ । ନଚେତ ତାଙ୍କର ଲିଜ ଅନୁମୋଦନ ବ୍ୟାଜପ୍ତି କରାଯିବ ଏବଂ ଜମା କରିଥିବା ଅମାନତ ରାଶି ବ୍ୟାଜପ୍ତି କରିଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।

14. ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜଧାରୀ ଲିଜ ସର୍ତ୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ, ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବ୍ୟାଜାପ୍ତ କରାଯିବ ।

15. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଯେ, କୌଣସି ସମୟରେ ଲିଜକୁ ନାକଚ କରିପାରିବେ ।

16. ଯଦି, କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି ତେବେ ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜିନାମା ଲିଜଧାରୀଙ୍କ ଉତ୍ତରାଧିକାରୀଙ୍କ ଅଥବା ଆଇନଗତ ପ୍ରତିନିଧିମାନେ ପୁନଶ୍ଚ ଲିଜ ରାଜିନାମା କରି ସମ୍ପୃକ୍ତ ଖଣି ଲିଜ ପରିଚାଳନା କରିପାରିବେ ।

17. ଚୟନ ହୋଇଥିବା ସମସ୍ତ ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ, 2016 O.M.M.C. Rule, 2016 ର ଧାରା 27, 28, 29, 30, 31, 32 ଏବଂ 33 ର ସମସ୍ତ ଉପଧାରା ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

18. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲିଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜଧାରୀମାନେ ବର୍ଦ୍ଧିତ ଆଧାରରେ ରୟାଲିଟି ପଇଠ କରିବା ପାଇଁ ବାଧ୍ୟ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇ ନ ପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.kalahandi.nic.in ରେ ଉପଲବ୍ଧ ରହିଅଛି । ଯଦି, ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାର ସଂଶୋଧନ କରିବାର କ୍ଷମତା ତହସିଲଦାର, କଳାହାଣ୍ଡି, ଭବାନୀପାଟଣାଙ୍କ ରହିଅଛି । ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି । କଳାହାଣ୍ଡି ତହସିଲ ଅଧିନସ୍ଥ ସୈରାତ ଉତ୍ସ ଗୁଡିକର ସଂପୂର୍ଣ୍ଣ ବିବରଣୀ ଏହା ସହିତ ସଂଲଗ୍ନ କରାଯାଇଅଛି ।

19. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଉତ୍ସ ଗୁଡିକୁ ପରିଦର୍ଶନ ଏବଂ ତନଖି କରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ଦ୍ରବ୍ୟର ପରିମାଣ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ବନ୍ଧରେ ପର୍ଯ୍ୟବେକ୍ଷଣ କରି ଲିଜ ନିଲାମରେ ଅଂଶଗ୍ରହଣ କରିବେ । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ପରବର୍ତ୍ତୀ ସମୟରେ ଗ୍ରହଣ ଯୋଗ୍ୟ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ୍ୟ ଦାୟୀ ହେବେ ନାହିଁ ।

20. ଲିଜ ଅବଧି ମଧ୍ୟରେ କୌଣସି ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ୍ୟ ଦାୟୀ ରହିବେ ନାହିଁ ।

21. ଯଦି ଇସ୍ତାହାରରେ କିଛି ତ୍ରୁଟି ପରିଲକ୍ଷିତ ହୁଏ, ତାକୁ ସଂଶୋଧନ କରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ ନ୍ୟସ୍ତ ଅଛି ।

22. ଲିଜଧାରୀ ରୋୟାଲଟି ସହିତ ନିର୍ଦ୍ଧାରିତ Surface Rent ଓ Dead Rent ମଧ୍ୟ ପଇଠ କରିବେ ।

23. ଲିଜ ଅବଧି ମଧ୍ୟରେ ଯଦି Schedule – 1 (ପଥର ଖଣି), Schedule – 2 (ବାଲିଘାଟ) ରେ ଉଲ୍ଲେଖିତ ଦରରେ ଅଭିବୃଦ୍ଧି ଘଟେ ଓ ତାହା ଲିଜ ଧାରୀ ଉଲ୍ଲେଖ କରିଥିବା ଦର ଠାରୁ ବେଶୀ ହୋଇଥାଏ, ତେବେ ଲିଜ ଧାରୀ ବର୍ଦ୍ଧିତ ହାରରେ ସରକାରୀ ଦେୟ ପଇଠ କରିବେ ।

**ଧାର୍ଯ୍ୟ ତାରିଖ ଓ ସମୟ – ତା. 01.07.2019 ରିଖ ଦିବା 02.00 ଘଟିକା ।**

**ତହସିଲଦାର, କଳାହାଣ୍ଡି, ଭବାନୀପାଟଣା**
**ଜିଲ୍ଲା – କଳାହାଣ୍ଡି**

ଜ୍ଞାପକ ସଂଖ୍ୟା .........................  ତାରିଖ .........................

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲାପାଳ, କଳାହାଣ୍ଡି / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉର୍ନ୍ନୟନ ସଂସ୍ଥା, କଳାହାଣ୍ଡି / ଉପ-ଜିଲ୍ଲାପାଳ, ଭବାନୀପାଟଣା / ଗୋଷ୍ଠି ଉର୍ନ୍ନୟନ ଅଧିକାରୀ, ଭବାନୀପାଟଣା / ଭବାନୀପାଟଣା ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି / ଗ୍ରାମ୍ୟ ନିର୍ମାଣ / ଜନସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ, କଳାହାଣ୍ଡି / କଳାହାଣ୍ଡି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ସେମାନଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶିତ କରିବା ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ଏହି କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

**ତହସିଲଦାର, କଳାହାଣ୍ଡି, ଭବାନୀପାଟଣା**
**ଜିଲ୍ଲା – କଳାହାଣ୍ଡି**

ଜ୍ଞାପକ ସଂଖ୍ୟା .........................  ତାରିଖ .........................

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲା ବୈଷୟିକ ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର, କଳାହାଣ୍ଡିଙ୍କ ନିକଟକୁ ଜିଲ୍ଲା ୱେବସାଇଟ ଜରିଆରେ ପ୍ରସାରିତ କରିବା ସକାଶେ ପ୍ରେରଣ କରାଗଲା ।

**ତହସିଲଦାର, କଳାହାଣ୍ଡି, ଭବାନୀପାଟଣା**
**ଜିଲ୍ଲା – କଳାହାଣ୍ଡି**

**ANNEXURE-1**

**ସୈରାତ ଉତ୍ସର ତାଲିକା ( ପଥର ଖଣି )**

| କ୍ର. ନଂ | ସୈରାତ ଉତ୍ସ ଗୁଡିକର ନାମ | ସୈରାତ ଉତ୍ସ | ମୌଜା | ଖାତା | ଖସଡା | ରକବା | ସରକାରୀ ଧାର୍ଯ୍ୟ ର ନ୍ୟୁନତମ ମୂଲ୍ୟ ପ୍ରତି ବର୍ଗ ମିଟର ଟଙ୍କାରେ |
|---|---|---|---|---|---|---|---|
| 1 | ବୋରଭଟା | ପଥରଖଣି | ବୋରଭଟା | 118 | 931 | 2.56 | 140.00 |
| 2 | କନ୍ଧବାନ୍ଧୋପଲା | ପଥରଖଣି | କନ୍ଧବାନ୍ଧୋପଲା | 157<br>738 | 721<br>1.00 | 2.50<br>1.00 | 140.00 |
| 3 | ବୋର୍ଡା-1 | ପଥରଖଣି | ବୋର୍ଡା | 527 | 915 | 10.00 | 140.00 |
| 4 | ବୋର୍ଡା-2 | ପଥରଖଣି | ବୋର୍ଡା | 527 | 09 | 09.00 | 140.00 |
| 5 | ୟୋଜନା | ପଥରଖଣି | ୟୋଜନା ନୁଆପଡା | 4 | 34 | 2.00 | 140.00 |

| | | | | | | | |
|---|---|---|---|---|---|---|---|
| | ନୁଆପଡା-2 | | | | | | |
| 6 | ଯୋଜନା ନୁଆପଡା-3 | ପଥରଖଣି | ଯୋଜନା ନୁଆପଡା | 4 | 9 | 4.28 | 140.00 |
| 7 | ବୋରଗୁଡା-1 | ପଥରଖଣି | ବୋରଗୁଡା | 178 | 932 | 3.00 | 140.00 |
| 8 | ହଳଦିଗଡ | ପଥରଖଣି | ହଳଦିଗଡ | 423 | 1718 | 1.74 | 140.00 |
| 9 | କେନ୍ଦୁଗୁରତକା-1 | ପଥରଖଣି | କେନ୍ଦୁଗୁରତକା | 86 | 48 | 3.00 | 140.00 |
| 10 | କେନ୍ଦୁଗୁରତକା-2 | ପଥରଖଣି | କେନ୍ଦୁଗୁରତକା | 86 | 83 | 3.00 | 140.00 |
| 11 | ରୋଜନାଗୁଡା | ପଥରଖଣି | ରୋଜନାଗୁଡା | 108 | 286<br>318 | 0.44<br>1.39 | 140.00 |
| 12 | ତିଲଜୋଡି | ପଥରଖଣି | ତିଲଜୋଡି | 182 | 877<br>878 | 0.77<br>4.40 | 140.00 |
| 13 | କୁରମାଚୁଆଁ | ପଥରଖଣି | କୁରମାଚୁଆଁ | 54 | 343<br>460<br>294 | 1.18<br>1.98<br>6.85 | 140.00 |
| 14 | ବେହେରାକୁନି | ପଥରଖଣି | ବେହେରାକୁନି | 34 | 57 | 1.38 | 140.00 |
| 15 | ବିଲେଇକୁନି | ପଥରଖଣି | ବିଲେଇକୁନି | 168 | 1207 | 3.00 | 140.00 |
| 16 | କର୍ଲାଶୋଡା | ପଥରଖଣି | କର୍ଲାଶୋଡା | 413 | 137 | 3.00 | 140.00 |
| 17 | ବରଗାଁ | ପଥରଖଣି | ବରଗାଁ | 278 | 147 | 5.35 | 140.00 |
| 18 | ଯୋଜନା ନୁଆପଡା-1 | ପଥରଖଣି | ଯୋଜନା ନୁଆପଡା | 4 | 2 | 3.00 | 140.00 |
| 19 | ପୋଡମୁଣ୍ଡି | ପଥରଖଣି | ପୋଡମୁଣ୍ଡି | 95 | 1003 | 8.47 | 140.00 |

**ତହସିଲଦାର, କଳାହାଣ୍ଡି ।**

**ANNEXURE-2**

**ସୈରାତ ଉତ୍ସର ତାଲିକା ( ବାଲିଘାଟ)**

**ସୈରାତ ଉତ୍ସର ତାଲିକା**

| କ୍ର. ନଂ | ସୈରାତ ଉତ୍ସ ଗୁଡିକର ନାମ | ସୈରାତ ଉତ୍ସ | ମୌଜା | ଖାତା | ଖସଡା | ରକବା | ସରକାରୀ ଧାର୍ଯ୍ୟ ର ନ୍ୟୁନତମ ମୂଲ୍ୟ ପ୍ରତି ବର୍ଗ ମିଟର ଟଙ୍କାରେ |
|---|---|---|---|---|---|---|---|
| 1 | ବୋର୍ଡା-1 | ବାଲିଖଣି | ବୋର୍ଡା | 527 | 2636 | 7.88 | 40.00 |
| 2 | କର୍ଲାପଡା | ବାଲିଖଣି | କର୍ଲାପଡା | 197 | 9 | 6.10 | 40.00 |

| | | | | | | | |
|---|---|---|---|---|---|---|---|
| 3 | ପାଷ୍ଟିପଡା | ବାଲିଖଣି | ପାଷ୍ଟିପଡା | 155 | 1 | 3.00 | 40.00 |
| 4 | ଚହଗାଁ | ବାଲିଖଣି | ଚହଗାଁ | 164 | 1 | 3.00 | 40.00 |
| 5 | ଶଗଡା | ବାଲିଖଣି | ଶଗଡା | 132 | 1084 | 4.80 | 40.00 |
| 6 | କୁସୁମଦର | ବାଲିଖଣି | କୁସୁମଦର | 96 | 958 | 4.88 | 40.00 |
| 7 | ଗଣ୍ଡବସା | ବାଲିଖଣି | ଗଣ୍ଡବସା | 109 | 81 | 5.00 | 40.00 |
| 8 | ବୋର୍ଡା-3 | ବାଲିଖଣି | ବୋର୍ଡା | 527 | 2238 | 3.50 | 40.00 |
| 9 | ସାପସିଲେଟ | ବାଲିଖଣି | ସାପସିଲେଟ | 311 | 895 | 3.50 | 40.00 |
| 10 | ପାଇକପଡା | ବାଲିଖଣି | ପାଇକପଡା | 155 | 1/580 | 6.00 | 40.00 |
| 11 | ପାଷ୍ଟିପଡା | ବାଲିଖଣି | ପାଷ୍ଟିପଡା | 155 | 955 | 2.00 | 40.00 |
| 12 | ବୋର୍ଡା-2 | ବାଲିଖଣି | ବୋର୍ଡା | 527 | 2429 | 12.60 | 40.00 |
| 13. | ଅରତଳ | ବାଲିଖଣି | ଅରତଳ | 349 | 42 | 12.50 | 40.00 |
| 14 | ବିଲେଇକୁନି | ବାଲିଖଣି | ବିଲେଇକୁନି | 168 | 983 | 12.00 | 40.00 |
| 15 | ଠେମରା | ବାଲିଖଣି | ଠେମରା | 236 | 1 | 10.00 | 40.00 |

**ତହସିଲଦାର, କଳାହାଣ୍ଡି ।**